ପ୍ରଗତିବାଦୀ
• ବୁଧବାର
• ଅଗଷ୍ଟ ୩୧, ୨୦୧୬

# ଆଇଆଇଟିର ୫ମ ସମାବର୍ତ୍ତନ ଉତ୍ସବ



ଜଟଣୀ,ତା୩୦।୮ (ପିଏନଏସ) : ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆଇଆଇଟି) ର ଅରଗୁଳ ସ୍ଥିତ କ୍ୟାମ୍ପସର କମ୍ୟୁନିଟି ସେଣ୍ଟରରେ ମଙ୍ଗଳବାର ୫ମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଏନ୍‌ବିଏ ଅଧ୍ୟକ୍ଷ ତଥା ଆଇଆଇଟି ଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁରେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଆଇଆଇଟିର ବରିଷ୍ଠ ଅଧିକାରୀ ତଥା ଶିକ୍ଷାଦାନ କରୁଥିବା ବରିଷ୍ଠ ପ୍ରଫେସରମାନଙ୍କୁ ବହୁ ଦିଗ୍ ଦର୍ଶନ ଦେବା ସହ ଛାତ୍ରଛାତ୍ରୀମାନେ କିପରି ଶିକ୍ଷା କ୍ଷେତ୍ରରେ ନିଜର ଉନ୍ନତି ସାଧନ କରିପାରିବେ ସେନେଇ ସେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଆଇଆଇଟି ଭୁବନେଶ୍ୱର ବିଓଜି ଅଧ୍ୟକ୍ଷ ପଙ୍କଜରମଣ ଭାଇ ପଟେଲ ଏହି ସମାବର୍ତ୍ତନ ଉତ୍ସବରେ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆର ଭି ରାଜାକୁମାର କୃତି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ । ଅନୁଷ୍ଠାନର ୭ଜଣଙ୍କୁ ଡକ୍ଟରେଟ୍, ୫୫ଜଣ ଏମ୍‌ଟେକ୍, ୬୯ଜଣ ଏମ୍‌ଏସ୍‌ସି ଏବଂ ୧୧୦ଜଣ ବିଟେକ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ପ୍ରିୟମ ଦେଙ୍କୁ ପ୍ରେସିଡେଣ୍ଟ ଅଫ ଇଣ୍ଡିଆ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବା ସହ ମେକାନିକାଲ ସାଇନ୍ସ ବିଭାଗରେ ଶୁଭଶ୍ରୀ ସୁବୁଦ୍ଧି, ଏମ୍‌ଟେକ୍ ବ୍ୟାଚ୍‌ରେ ଶ୍ୱେତା ସିଂ, ଏମ୍‌ଏସ୍‌ସି ବ୍ୟାଚ୍‌ରେ ଡାଇରେକ୍ଟର ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି ।